# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ. ୧୩୨୫୦ LXIV-23/17(ଖ)

## ନିଲାମ ଇସ୍ତାହାର

ତା. ୨୩.୧୨.୧୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟରେ ଗଚ୍ଛିତ ଥିବା ନିମ୍ନଲିଖିତ ଜେନେରେଟର ଏବଂ ଟ୍ରାନ୍ସଫରମର୍ ବିକ୍ରୀ କରାଯିବା ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି ।

ନିଲାମ ଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟରେ ଅମାନତ ବାବଦକୁ ଟଙ୍କା ଦାଖଲ କରି ସେ ବାବଦରେ ପ୍ରାପ୍ତ ହୋଇଥିବା ରସିଦ୍ ସହିତ ସାଧାକାଗଜରେ ନିମ୍ନରେ ବର୍ଣ୍ଣିତ ସାମଗ୍ରୀ ଉଲ୍ଲେଖ କରି ଜଉମୁଦ ଦିଆ ଲଫାପାରେ ଭର୍ତ୍ତିକରି ତା. ୬/୧/୧୩ ରିଖ ଅପରାହ୍ନ ୪ ଘଣ୍ଟା ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇବେ । ପ୍ରାପ୍ତ ହୋଇଥିବା କୋଟେସନ୍‌ଗୁଡ଼ିକ ତା. ୬/୧/୧୩ ରିଖ ଅପରାହ୍ନ ୪.୩୦ ସମୟରେ କୋଟେସନ୍ ଦାତା କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ । ଯେଉଁ ବ୍ୟକ୍ତିଙ୍କର କୋଟେସନ୍ ଗ୍ରହଣଯୋଗ୍ୟ ହେବ ସେ ତତ୍‌କ୍ଷଣାତ୍ ସମସ୍ତ ଟଙ୍କା ଏକକାଳୀନ ନଗଦ ଆକାରରେ ଦାଖଲ କରିବେ ଓ ନିଲାମ ହୋଇଥିବା ସମସ୍ତ ଜିନିଷାତ୍ ନେବାପାଇଁ ଅନୁମତି ପ୍ରଦାନ କରାଯିବ । ସମ୍ପୂର୍ଣ୍ଣ ଟଙ୍କା ଜମାକରି ଠିକ୍ ସମୟରେ ଜିନିଷାତ୍‌ମାନ ନନେଲେ ଉକ୍ତ ବ୍ୟକ୍ତି / ଅନୁଷ୍ଠାନର ଅମାନତ ଜମା ବାଜ୍ୟାପ୍ତି କରାଯିବ । କୋଟେସନ୍ ଖୋଲାଗଲାପରେ, କୋଟେସନ୍ ଦାତାଙ୍କ ମଧ୍ୟରେ ପ୍ରୟୋଜନ ହେଲେ ମୌଖିକ ସର୍ବୋଚ ନିଲାମ ଡ଼ାକ କରାଯିବ ।

ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଯେ କୌଣସି କିମ୍ବା ସମସ୍ତ କୋଟେସନ୍ ରଦ୍ଦ କରିପାରିବେ । ନିଲାମ ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।

| | ସାମଗ୍ରୀର ବିବରଣୀ | ସର୍ବନିମ୍ନ ଦର | ଅମାନତ ଜମା |
|---|---|---|---|
| ୧. | ୫୦ କେ.ଭି. କିର୍ଲୋସ୍କର କମ୍ପାନୀ ନିର୍ମିତ ଜେନେରେଟର | ଟ.୪୦,୦୦୦/- | ଟ.୪୦୦୦/- |
| ୨. | ୧୦୦ କେ.ଭି.ଏ ୧୧/.୪୩୩ କେ.ଭି. ପାୱାର ଟ୍ରାନସ୍‌ଫରମର୍, ଆଲୁମିନିୟମ ତାର ଯୁକ୍ତ | ଟ.୩୦,୦୦୦/- | ଟ. ୩୦୦୦/- |

ଇଚ୍ଛୁକ ବ୍ୟକ୍ତି କୌଣସି କାର୍ଯ୍ୟକାରୀ ଦିବସରେ ଶ୍ରୀମନ୍ଦିର ସହକାରୀ ଯନ୍ତ୍ରୀ (ବିଦ୍ୟୁତ୍) ଓ ଶ୍ରୀ ଗୋପିନାଥ ଦାସ, ଇଲେକ୍ଟ୍ରିସିଆନ୍‌ଙ୍କ ସହିତ ଯୋଗାଯୋଗ କରି ନିଲାମ୍ କରାଯାଉଥିବା ଜିନିଷମାନ ନିରୀକ୍ଷଣ କରିପାରିବେ । ନିଲାମ ଇସ୍ତାହାରରେ ଶ୍ରୀମନ୍ଦିରର କୌଣସି ଅଧିକାରୀ ବା କର୍ମଚାରୀ ଭାଗ ନେଇପାରିବେ ନାହିଁ ।

୨୩/୧୨/୨୦୧୨

ପ୍ରଶାସକ

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ